# ମାଧ୍ୟମିକ ବ୍ୟାକରଣ

## (ନବମ ଶ୍ରେଣୀ)

ଓଡ଼ିଆପୋର୍ଟାଲ.ଇନ୍‌ଙ୍କର
ପାଠାଗାର
Pathagara.OdiaPortal.IN

ଉପସର୍ଗ

କାରକ ଓ ବିଭକ୍ତି

ସମାସ

ଅନୁଚ୍ଛେଦ ଲିଖନ

ସନ୍ଧି

ବିଜ୍ଞାପନ ଲିଖନ

ଶବ୍ଦ ଗଠନ

ସରକାରୀ ପତ୍ର ଓ ଦରଖାସ୍ତ



ପ୍ରକାଶକ
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ମାଧ୍ୟମିକ ବ୍ୟାକରଣ

(ନବମ ଶ୍ରେଣୀ)

ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ମାଧ୍ୟମିକ ବ୍ୟାକରଣ

**(ନବମ ଶ୍ରେଣୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ସର୍ବସ୍ୱତ୍ୱ ସଂରକ୍ଷିତ

**ଲେଖକମଣ୍ଡଳୀ :**

ଡକ୍ଟର ବାଉରିବନ୍ଧୁ ସାହୁ (ସମୀକ୍ଷକ)

ଡ. ସଦାନନ୍ଦ ନାୟକ

ଡକ୍ଟର ରାମଚନ୍ଦ୍ର ନାୟକ

ପଣ୍ଡିତ ଭୂପତିଭୂଷଣ ମିଶ୍ର

**ସଂଯୋଜନା :**

ଡକ୍ଟର ମୀନାକ୍ଷୀ ଦାସ

**ପ୍ରଥମ ସଂସ୍କରଣ :** ୨୦୧୨

**ଆର୍ଟପୁଲ**

ଶ୍ରୀ ଜେରକ୍ସ ଆଣ୍ଡ ଅଫ୍‌ସେଟ

ବକ୍ସିବଜାର ରୋଡ଼, କଟକ-୧

**ମୁଦ୍ରଣ**

**ମୂଲ୍ୟ :** ଟ.

# ॥ ଭୂମିକା ॥

ଆମ ରାଜ୍ୟର ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ 'ମାଧ୍ୟମିକ ବ୍ୟାକରଣ' ନାମକ ନୂତନ ପୁସ୍ତକଟି ପ୍ରସ୍ତୁତ କରାଯାଇ ଚଳିତ ଶିକ୍ଷାବର୍ଷରୁ ପ୍ରଚଳନ କରାଯାଉଛି । ଜାତୀୟ ପାଠ୍ୟଖସଡ଼ା -୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର - ୨୦୦୭ ଆଧାରରେ ପ୍ରସ୍ତୁତ ଏହି ପୁସ୍ତକଟିରେ ଅଭ୍ୟାସଭିତ୍ତିକ କାର୍ଯ୍ୟାବଳୀକୁ ଗୁରୁତ୍ୱ ଦିଆଯାଇଛି । ଭାଷାଜ୍ଞାନ ଆହରଣ ତଥା ଛାତ୍ରଛାତ୍ରୀମାନଙ୍କର କୌଶଳାତ୍ମକ ତଥା ପ୍ରାୟୋଗିକ ଦକ୍ଷତା ଅଭିବୃଦ୍ଧିରେ ପୁସ୍ତକଟି ସହାୟକ ହେବ ବୋଲି ଆଶା । ପୁସ୍ତକର ସଂପାଦନାମଣ୍ଡଳୀ, ଓଡ଼ିଆ ସିଲାବସ କମିଟିର ସଭ୍ୟବୃନ୍ଦ ଓ ସଂଯୋଜିକାଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି ।

ପାଠକପାଠିକା ତଥା ବିଷୟ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଗଠନମୂଳକ ମତାମତ ଓ ପରାମର୍ଶକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ସ୍ୱାଗତ କରୁଛି ।

**ସଭାପତି**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

## ॥ ଅଗ୍ରଲେଖ ॥

ଆମ ରାଜ୍ୟର ନବମ ଶ୍ରେଣୀରେ ପଢୁଥିବା ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ପାଇଁ 'ମାଧ୍ୟମିକ ବ୍ୟାକରଣ' ପୁସ୍ତକଟି ପ୍ରସ୍ତୁତ ହୋଇଅଛି । ଜାତୀୟ ପାଠ୍ୟଖସଡ଼ା - ୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର - ୨୦୦୭ ଅନୁସାରେ ପୁସ୍ତକଟି ଲିଖିତ । ଅଭ୍ୟାସଭିତ୍ତିକ ପ୍ରଶ୍ନାବଳୀ ଆଧାରରେ ଏଥିରେ ଶିକ୍ଷାର୍ଥୀମାନଙ୍କର ଭାଷାଜ୍ଞାନ ବୃଦ୍ଧି, ନିର୍ଭୁଲ ଲିଖନ କଳା ଓ ବ୍ୟାବହାରିକ ଲିଖନ ଶୈଳୀ ଉପରେ ଯଥୋଚିତ ଗୁରୁତ୍ୱ ଦିଆଯାଇଛି । ବିଷୟ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଲକ୍ଷ୍ୟ ରଖି ଶ୍ରେଣୀ କକ୍ଷରେ ଅଧିକ ଅଭ୍ୟାସମୂଳକ ପ୍ରଶ୍ନ ଉପସ୍ଥାପନ ଓ ଆଲୋଚନା କରାଇବେ । ଏହି ସଂକଳନ ସଂପର୍କରେ ବିଜ୍ଞ ପରାମର୍ଶ ମିଳିଲେ ପରବର୍ତ୍ତୀ ସଂସ୍କରଣରେ କର୍ତ୍ତୃପକ୍ଷ ତାହାର ବିଚାରପୂର୍ବକ ସୁବ୍ୟବସ୍ଥା କରିବେ ବୋଲି ଆଶା ।

**ସଂପାଦନାମଣ୍ଡଳୀ**

# ସୂଚୀ


| ଅଧ୍ୟାୟ/ପାଠ | ପ୍ରସଙ୍ଗ | ପୃଷ୍ଠା |
| --- | --- | --- |
| ପ୍ରଥମ | ଶବ୍ଦଗଠନ | ୦୧ |
| ଦ୍ୱିତୀୟ | ସନ୍ଧି | ୧୧ |
| ତୃତୀୟ | ସମାସ | ୨୬ |
| ଚତୁର୍ଥ | ଉପସର୍ଗ | ୪୦ |
| ପଞ୍ଚମ | କୃଦନ୍ତ | ୫୨ |
| ଷଷ୍ଠ | ତଦ୍ଧିତ | ୬୦ |
| ସପ୍ତମ | କାରକ ଓ ବିଭକ୍ତି | ୭୫ |
| ଅଷ୍ଟମ | ଅନୁଚ୍ଛେଦ ଲିଖନ | ୯୩ |
| ନବମ | ବିଜ୍ଞାପନ ଲିଖନ | ୧୦୦ |
| ଦଶମ | ସରକାରୀ ପତ୍ର ଓ ଦରଖାସ୍ତ | ୧୦୫ |


❖❖❖

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନା କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।